# Akashvani, Sambalpur

## SAMBALPURI NEWS EVENING BULLETIN

**22 September 2025- 7.02 pm- 7.12 pm.**

*********************************************

୧- ଦେଶେ ଆଏଜ୍‌ଠାନୁ ଲାଗୁ ହେଲା ଆଏବା ପିଢ଼ିର୍ ଜିଏସ୍‌ଟି ସଂସ୍କାର୍ ।

- ଜିଏସ୍‌ଟି ସଂସ୍କାର୍‌କେ ସଂଚୟ ଉତ୍ସବ୍ ଭାବେ ପାଳନ୍ କର୍‌ବାର୍‌କେ ଆହ୍ୱାନ୍ ଦେଲେ ପ୍ରଧାନ୍‌ମନ୍ତ୍ରୀ ।

୨- ବିଧାନ୍‌ସଭା ମୌସୁମୀ ଅଧିବେଶନ୍‌ର ୪ ନମ୍ବର୍ ଦିନେ ଆଏଜ୍ ଜିଏସ୍‌ଟି ସଂଶୋଧନ୍ ବିଲ୍-୨୦୨୫ ଉପ୍‌ରେ ଚାଲିଛେ ଆଲୋଚନା ।

୩- ପୁରୀ ଶ୍ରୀମନ୍ଦିର୍‌ର ଅସ୍ଥାୟୀ ରତ୍ନଭଣ୍ଡାର୍‌ନୁ ଆଏବାକାଏଲ୍ ସ୍ଥାନାନ୍ତର୍ ହେବା ମାହାପୁରୁମାନ୍‌କର୍ ରତ୍ନ ଅଲଙ୍କାର୍ ।

ଆଉର୍

୪- ରାଜ୍ୟର୍ ଶକ୍ତିପୀଠ ମାନ୍‌କେ ଆଏଜ୍‌ଠାନୁ ମୁଲ୍ ହେଲା ଜଗତ୍‌ଜନନୀ ମା ଦୁର୍ଗାଙ୍କର୍ ନବରାତ୍ରୀ ପୂଜା ।

ଜିଏସ୍‌ଟି        ଆର୍‌ଏନ୍‌ୟୁ/ ସମ୍ବଲପୁର/ଏକ୍ସ

ପବିତ୍ର ନବରାତ୍ରୀ ଅବ୍‌ସରେ ଆଏଜ୍‌ଠାନୁ ଦେଶେ ଆଏବା ପିଢ଼ିର୍ ଜିଏସ୍‌ଟି ସଂସ୍କାର୍ ଲାଗୁ ହେଇଛେ । ନୂଆଁ ସଂସ୍କାର୍ ଲାଗୁ ହେବାର୍‌ନୁ ୨ ଟା ସ୍ଲାବ୍ ୫ ପ୍ରତିଶତ୍ ଆଉ ୧୮ ପ୍ରତିଶତ୍‌ଥି ଜିଏସ୍‌ଟି ସିମିତ୍ ରହିଛେ । ଜିଏସ୍‌ଟି ସଂସ୍କାର୍‌କେ ସଂଚୟ ଉତ୍ସବ୍ ଭାବେ ପାଲନ୍ କର୍‌ବାର୍‌କେ ପ୍ରଧାନ୍‌ମନ୍ତ୍ରୀ ଆଏଜ୍ ଦେଶ୍‌ବାସୀଙ୍କୁ ଆହ୍ୱାନ୍ ଦେଇଛନ୍...

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

ପ୍ରଧାନ୍‌ମନ୍ତ୍ରୀ ଆଏଜ୍ ଅରୁଣାଚଲ୍ ପ୍ରଦେଶ୍ ଗସ୍ତ ଅବ୍‌ସରେ ସେନର୍ ସାଧାରଣ୍ ଲୁକ୍‌କର୍ ସାଙ୍ଗେ ଜିଏସ୍‌ଟି ସଂଚୟ ଉତ୍ସବ୍ ବାବ୍‌ଦେ ଆଲୋଚନା କରିଛନ୍ । ଇତାର୍ ସହେତେ ଇଟାନଗର୍ ନ ସ୍ୱଦେଶୀ ଷ୍ଟଲ୍‌ମାନ୍‌କୁ ବୁଲି ଦେଖିଛନ୍ । କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍, ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଜେ.ପି. ନଡ୍ଡାଙ୍କର୍ ସହେତେ ନେତା ଆଉ ମନ୍ତ୍ରୀ ମାନେ ଭିନ୍ ଭିନ୍ ଜାଗାକେ ଯାଇକରି ସାଧାରଣ୍ ଲୋକ୍ ଆର୍ ବ୍ୟବସାୟୀମାନ୍‌କର୍ ସାଙ୍ଗେ ଜିଏସ୍‌ଟି ବଚତ୍ ଉତ୍ସାହ ଆର୍ ନୂଆଁ ଜିଏସ୍‌ଟି ଲାଗୁ ହେବାର୍ ଲାଭ୍ ବାବ୍‌ଦେ ପଚ୍‌ରେଇ ବୁଝିଛନ୍ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଜିଏସ୍‌ଟି ସଂସ୍କାର୍ ଜରିଏ ଦେଶର୍ ପୁଞ୍ଜିନିବେଶ୍ ବଢ଼୍‌ବାର୍ ସହେତେ ଅଏତ୍‌କା ନିଯୁକ୍ତି ସୁଯୋଗ୍ ବଢ଼୍‌ବା ବଲି କହିଛନ୍ ।

ଜିଏସ୍‌ଟି ଦର୍ କମ୍‌ବାର୍ ଉତ୍‌ରୁ ଗୁରସ୍, ଛେନା, ଘି', ଆଇସ୍‌କ୍ରିମ୍ ଆର୍ ପାଉଁରୁଟି ବାଗିର୍ ସବୁଦିନିଆ ବେଭାର୍ ହଉଥିବା ଦରବ୍‌ର ଦାମ୍ କମିଛେ । ଦେଶ୍‌ବାସୀ ନୂଆଁ ଜିଏସ୍‌ଟି ସଂସ୍କାର୍ ବଲେ ବଛର୍‌କ ଅଢ଼େଇ ଲାଖ୍ ଟଙ୍କା ବଂଚେଇପାର୍‌ବେ । ଗୁରସ୍ ଆଉ ଗୁରସ୍‌ନୁ ତିଆର୍ ହଉଥିବା ଦରବ୍, ପେକେଜ୍ ଖାଦ୍ୟ ଆଉ ବ୍ୟକ୍ତିଗତ ଦରବ୍ ଉପ୍‌ରେ ଆଘୋନୁ ୧୨ ନୁ ୧୮ ପ୍ରତିଶତ୍ ଜିଏସ୍‌ଟି ଲାଗୁ ହେଉଥିବା ମାତରକ ଇଟା ୫ ପ୍ରତିଶତ୍‌କେ କମିଛେ ।

ଉଜ୍ଜ୍ୱଲା ଏନ୍‌ଏସ୍‌ଡି

ନବରାତ୍ରୀର୍ ପହେଲା ଦିନ ଆଏଜ୍ କେନ୍ଦ୍ର ସର୍‌କାର୍ ଦେଶେ ୨୫ ଲାଖ୍ ନୂଆଁ ହିତାଧିକାରୀଙ୍କୁ ମାହାଲିଆ ଉଜ୍ଜ୍ୱଲା ସଂଯୋଗ୍ ଯୁଗେଇ ଦେବାର୍‌କେ ଘୋଷ୍‌ନା କରିଛନ୍ । ଇ ବାବ୍‌ଦେ ଘୋଷ୍‌ନା କରିକରି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଜ୍ଜ୍ୱଲା ପରିବାର୍‌ଥି ନୂଆଁକରି ସାମିଲ୍ ହେଇଥିବା ମା'ମାନ୍‌କୁ ନବରାତ୍ରୀ ଅବ୍‌ସରେ ଶୁଭେଚ୍ଛା ଜନେଇଛନ୍ । ଇ ପଦକ୍ଷେପ୍

ମହିଳାମାନ୍‌କୁ ନୂଆଁ ଖୁସି ଆନିଦେବାର୍ ସହେତେ ସେମାନ୍‌କୁ ବର୍‌କସ୍ କର୍‌ବା ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

ବିଧାନ୍‌ସଭା-୩ ନମ୍ବର୍ ଦିନ୍ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ସପ୍ତଦଶ ବିଧାନ୍‌ସଭାର୍ ମୌସୁମୀ ଅଧିବେଶନ୍‌ର ୪ ନମ୍ବର୍ ଦିନେ ଆଏଜ୍ ବିରୋଧୀ ସଦସ୍ୟମାନ୍‌କର୍ ହୋହଲ୍ଲା ଭିତ୍‌ରେ ଜିଏସ୍‌ଟି ସଂଶୋଧନ୍ ବିଲ୍- ୨୦୨୫ ଉପ୍‌ରେ ଗୃହ ନ ଆଲୋଚନା ହେଇଛେ । ଉପର୍‌ବେଲା ବିରୋଧୀ ସଦସ୍ୟମାନେ ଆଏବା ପିଢ଼ିର୍ ଜିଏସ୍‌ଟି ସଂସ୍କାର୍ ଉପ୍‌ରେ ଚାଲିଥିବା ଆଲୋଚନାଥି ଭାଗ୍ ନେଇଛନ୍ ।

ଆଏଜ୍ ସଖାଲ୍‌ବେଲା ଗୃହ କାର୍ଯ୍ୟ ମୁଲ୍ ହଉନ୍‌ସାର୍ ଭିନ୍ ଭିନ୍ ବିଷେକେ ନେଇକରି ବିରୋଧୀ ସଦସ୍ୟମାନେ ହୋହଲ୍ଲା କରିଥିଲେ । କିର୍ଲାଗଗା ଜବର୍ ହେବାର୍‌ନୁ ୭ ମିନିଟ୍ ଗୃହ ଚାଲ୍‌ବାର୍ ଉତ୍‌ରୁ ବାଚସ୍ପତି ସୁରମା ପାଢ଼ୀ ଉପର୍‌ବେଲା ୪ ବଜେତକ୍ ଗୃହକେ ମୁଲ୍‌ତବୀ ଘୋଷ୍‌ନା କରିଥିଲେ । ଉପର୍‌ବେଲା ଗୃହ କାର୍ଯ୍ୟ ମୁଲ୍ ହେବାର୍ ଉତ୍‌ରୁ ଥିତି ସାମାଏନ୍ ସ୍ୱାଭାବିକ୍ ହେଇଥିଲା ଆଉ ଜିଏସ୍‌ଟି ସଂଶୋଧନ୍ ବିଲ୍ ଉପ୍‌ରେ ଆଲୋଚନା ମୁଲ୍ ହେଇଥିଲା ।

ବିଧାନ୍‌ସଭା- ଲାଂଚ୍ ମାମ୍‌ଲା ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଗଲା ୧୫ ମାସ୍ ଭିତ୍‌ରେ ରାଜ୍ୟ ଦୁର୍ନୀତି ନିବାରଣ୍ ବିଭାଗ୍ ତର୍‌ଫୁ ୭୭ ଟା ଆୟ ବହିର୍ଭୁତ ସମ୍ପତି ଠୋଲ୍ ଆର୍ ଲାଂଚ୍ ନେବାର୍ ଅଭିଯୋଗ୍‌ଥି ଶହେ ୨୨ ଟା ମାମ୍‌ଲା ରୁଜୁ କରାଯାଇଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ବିଧାନସଭା ନ ଗୁଟେ ପ୍ରଶ୍ନର୍ ଉତର୍‌ଥି ମୁଖ୍ୟମନ୍ତ୍ରୀ କହିଛନ୍, ଆୟବହିର୍ଭୁତ ସମ୍ପତି ଠୋଲ୍ ମାମ୍‌ଲାଥି ୨ ଶହ ୨ କୋଟି ୫୮ ଲାଖ୍ ଟଙ୍କା ଜବତ୍ କରାଯାଇଛେ । ଇତାର୍‌ସହେତେ ଲାଂଚ୍ ଅଭିଯୋଗ୍‌ଥି ୩୩ ଲାଖ୍ ୬୩ ହଜାର୍ ୫ ଶହ ଟଙ୍କା ଜବତ୍ କରାଯାଇଛେ ।

ବିଧାନ୍‌ସଭା- ଚିଟ୍‌ଫଣ୍ଡ୍ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଏଜେ ନୂଆଁ ସର୍‌କାର୍ ଆଏବାର୍ ଉତ୍‌ରୁ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ ମାନ୍‌କୁ ୪୯ କୋଟି ୬୭ ଲାଖ୍ ୬୮ ହଜାର୍ ଟଙ୍କା ଫିରାଯାଇଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ବିଧାୟକ୍ ଗୌତମ ବୁଦ୍ଧ ଦାସ୍‌ଙ୍କର୍ ଗୁଟେ ପ୍ରଶ୍ନର୍ ଉତର୍‌ଥି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ୪ ଲାଖ୍ ୭୨ ହଜାର୍‌ନୁ ଅଏତ୍‌କା ଛୋଟ୍ ଜମାକାରୀଙ୍କୁ କର୍ପସ୍ ପାଣ୍ଠିନୁ

ଟଙ୍କା ଫିରାବାର୍‌କେ ସୁପାରିଶ୍ କରାଯାଇଥିଲା । ସେମାନ୍‌କର୍ ଭିତ୍‌ରୁ ୯୬ ହଜାର୍ ୮ ଶହ ୧ ଛୋଟ୍ ଜମାକାରୀଙ୍କୁ ୪୬ କୋଟି ଟଙ୍କା ଦିଆଯାଇଛେ ।

ବିଧାନ୍‌ସଭା- ଆୟୁଷ୍ମାନ୍ ଭାରତ୍     ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଆୟୁଷ୍ମାନ୍ ଭାରତ୍ ଜନଆରୋଗ୍ୟ ଯୋଜ୍‌ନା- ଗୋପବନ୍ଧୁ ଜନଆରୋଗ୍ୟ ଯୋଜ୍‌ନାଥି ଏବ୍‌ତକ୍ ରାଜ୍ୟ ବାହାରେ ଆର୍ ଭିତ୍‌ରର୍ ଭିନ୍ ଭିନ୍ ପଞ୍ଜିକୃତ ଡାକ୍ତର୍‌ଖାନାମାନ୍‌କେ ୪ ଲାଖ୍ ୫ ହଜାର୍ ୪୪ ଝନ୍ ହିତାଧିକାରୀଙ୍କୁ ମାହାଲିଆ ଚିକିତ୍ସା ସୁବିଧା ଯୁଗେଇ ଦିଆଯାଇଛେ । ବିଧାନ୍‌ସଭା ନ ଗୁଟେ ପ୍ରଶ୍ନର୍ ଉତର୍‌ଥି ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ କହିଛନ୍, ଏବ୍‌ତକ୍ ରାଜ୍ୟର୍ ୩ କୋଟି ୪୬ ଲାଖ୍ ହିତାଧିକାରୀଙ୍କୁ ଯୋଜ୍‌ନାଥି ସାମିଲ୍ କରାଯାଇଛେ । ସେମାନ୍‌କୁ ରାଜ୍ୟ ଆଉ ରାଜ୍ୟ ବାହାରର୍ ଭିନ୍ ଭିନ୍ ପଞ୍ଜିକୃତ ଡାକ୍ତର୍‌ଖାନା ମାନ୍‌କେ ମାହାଲିଆ ଚିକିତ୍ସା ସୁବିଧା ଯୁଗେଇ ଦିଆଯାଉଛେ ।

ବିଶ୍ୱ ଗୋଲାପଫୁଲ ଦିବସ-ବିଧାନ୍‌ସଭା  ଭୁବ୍‌ନେଶ୍ୱର୍ ସମ୍ବାଦଦାତା

କର୍କଟ ରୋଗୀମାନ୍‌କର୍ ମନୋବଳ ବଢ଼ାବାର୍ ଲାଗି ସାରା ପୁର୍‌ଥି ନ ଆଏଜ୍ ପାଲନ୍ କରାଯାଉଛେ ବିଶ୍ୱ ଗୋଲାପଫୁଲ ଦିବସ୍ । ଇ ଅବ୍‌ସରେ ବିଧାନ୍‌ସଭା ପରିସର୍ ନ ବାଚସ୍ପତି ସୁରମା ପାଢ଼ୀ, ଉପବାଚସ୍ପତି ଭବାନୀ ଶଙ୍କର୍ ଭୋଇ, ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍, ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍‌ଙ୍କର୍ ସହେତେ ବିଧାୟକ୍ ମାନେ ଉପସ୍ଥିତ୍ ରହିକରି କର୍କଟ ଯୋଦ୍ଧାଙ୍କୁ ଭେଟ୍‌ବାର୍ ସହେତେ ଗୁଲାପ୍ ଫୁଲ୍ ଦେଇକରି ଉତ୍ସାହିତ୍ କରିଥିଲେ ।

ରତ୍ନଭଣ୍ଡାର- ରତ୍ନ ସ୍ଥାନାନ୍ତର ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ନ ଆଏବା କାଏଲ୍ ଅସ୍ଥାୟୀ ରତ୍ନଭଣ୍ଡାର୍‌ନୁ ସ୍ଥାୟୀ ରତ୍ନଭଣ୍ଡାର୍‌କେ ମାହାପୁରୁମାନ୍‌କର୍ ରତ୍ନ ଅଲଙ୍କାର୍ ସ୍ଥାନାନ୍ତର୍ କରାଯିବା । ରାଜ୍ୟ ସର୍‌କାର୍‌ଙ୍କର୍ ମାର୍ଗଦର୍ଶିକା ଅନ୍‌ସାରେ ଦିନର୍ ୧୦ ବଜେନୁ ପ୍ରକ୍ରିୟା ମୁଲ୍ ହେବା । ଇଥିର୍‌ଲାଗି ସର୍ବସାଧାରଣ ଦର୍ଶନ୍ ବନ୍ଦ୍ ରହେବା । ମାତରକ ମହାପ୍ରସାଦ୍ ପାଏବାର୍‌କେ ଇଚ୍ଛୁକ ଭକ୍ତମାନେ ମହାପ୍ରସାଦ୍ ପାଇପାର୍‌ବେ । ରତ୍ନ ସ୍ଥାନାନ୍ତର୍ ହେଲା ଉତ୍‌ରୁ

ଲୁକେ ଫେର୍ ଦର୍ଶନ୍ କରିପାର୍ବେ ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ସେବା ପର୍ବ- ଏନ୍ଏସ୍ଡି/ଆର୍ଏନ୍ୟୁ/ ସମ୍ବଲପୁର

(ସେବା ପର୍ବ ଏସ୍.ଟି)

କେନ୍ଦ୍ର ସର୍କାର୍ 'ସେବା ଆଉ ସୁଶାସନ୍' ଆର୍ 'ଜନସେବା ଆଉ ସୁଶାସନ୍' ମନ୍ତ୍ରଥି ପରିଚାଲିତ୍ ହେଇକରି ସାଧାରଣ୍ ଲୁକ୍କର୍ କଲ୍ୟାଣ୍ ଲାଗି ଭିନ୍ ଭିନ୍ ପଦକ୍ଷେପ୍ ନେଉଛନ୍ । ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ସର୍କାର୍ ପରିବର୍ତନ୍ ଆଉ ପ୍ରଗତିର୍ ଶାସନ୍ ବ୍ୟବସ୍ଥା ଆନ୍ବାର୍ ଲାଗି ସବୁବେଲେ ଚେରେଷ୍ଟା କରୁଛନ୍ । ଆମର୍ ଖାସ୍ ଧାରାବାହିକ୍ ସେବା ପର୍ବଥି ଆଏଜ୍ ଜାନ୍ମା କେନ୍ଦ୍ର ସର୍କାର୍ କମ୍ ଦାମ୍ଥି ଘର୍, ସହର୍କେ ସଂଯୋଗ୍ କରିକରି ସେନର୍ ଲୁକ୍କର୍ ଜୀବନ୍ଥି ଆନିଥିବା ଉନ୍ନତି ବାବ୍ଦେ....

(ଭଏସ୍ ଓଭର୍- ବିସ୍ମିତା ପଧାନ୍)

*ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ନେତୃତ୍ୱଥି ଦେଶେ ପରିବହନ୍ କ୍ଷେତ୍ରଥି ବହୁତ୍ଟେ ଉନ୍ନତି ହେଇଛେ । ଇହାଦେ ମେଟ୍ରୋ ଖାଲି ପରିବହନ୍ର ମାଧ୍ୟମ୍ ହେଇକରି ନାଇଁ ରହି । ଇଟା ଦେଶର୍ ଅଭିବୃଦ୍ଧିର୍ ଜୀବନ୍ରେଖା ସାଜିଛେ । ଇ ପଦକ୍ଷେପ୍ ନୂଆଁ ସୃଜନ୍ ଆଉ ସ୍ଥାୟୀ ସହରାଂଚଲ୍ ଜୀବନ୍ ଧାରଣ୍ର ମହତ୍ୱାକାଂକ୍ଷୀ*

*ନଜରିଆ ଜରିଏ ପରିଚାଲିତ୍ ହେଇଛେ । ପ୍ରଧାନ୍‌ମନ୍ତ୍ରୀଙ୍କର୍ ନେତୃତ୍ୱଥି ଦେଶ୍ ପୁରଥିର୍ ୩ ନମ୍ବର୍ ମେଟ୍ରୋ ନେଟ୍‌ୱାର୍କ ଭାବେ ନୁଆଁ ପରିଚୟ ପାଇଛେ । କୋଲ୍‌କାତା ନ ମେଟ୍ରୋ ରେଲ୍ ପ୍ରକଳ୍ପର୍ ଉଦ୍‌ଘାଟନ୍ କରିକରି ପ୍ରଧାନ୍‌ମନ୍ତ୍ରୀ କହିଛନ୍...*

*(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)*

*ସହରୀ ଇଲାକା ନ ସର୍‌କାର୍ ଫି' ନାଗରିକଙ୍କର୍ ଲାଗି ଗୁଣାତ୍ମକ ଘର୍ ଆଉ ସମ୍ମାନ୍‌ର ସହେତେ ବଂଚ୍‌ବାର୍‌ଟାକେ ସୁନିଶ୍ଚିତ୍ କରିଛନ୍ । ଗଲା ୧୧ ବଛର୍ ଭିତ୍‌ରେ ସହର୍ ଇଲାକାର୍ ଲୁକ୍‌କୁ ସର୍‌କାର୍ କମ୍ ଦାମ୍‌ଥି ଘର୍ ଯୁଗେଇ ଦେଇ ଆସୁଛନ୍ । ଆକାଶ୍‌ବାଣୀ ସମ୍ବଲପୁର ସମ୍ବାଦ ବିଭାଗ୍ ତର୍‌ଫୁ ବିସ୍ମିତା ପଧାନ୍ ।*

*(ସେବା ପର୍ବ ଏସ୍.ଟି)*

ନବରାତ୍ର ସମ୍ବଲପୁର/ ନୂଆପଡ଼ା/ ସୁବର୍ଣ୍ଣପୁର/ ଦେବ୍‌ଗଡ଼୍

ସମ୍ବଲ୍‌ପୁର୍ ସହେତେ ପଶ୍ଚିମ ଓଡ଼ିଶାର୍ ସବୁ ଦେବୀ ପୀଠ ମାନ୍‌କେ ନବରାତ୍ରୀ ପୂଜା ମୁଲ୍ ହେଇଛେ । ଗଲାକାଏଲ୍‌ଠାନୁ ମା ସମଲେଇ ଧବଲ୍‌ମୁଖୀ ବେଶ୍‌ଥି ଦର୍ଶନ୍ ଦଉଛନ୍ । ହଜାର୍ ହଜାର୍ ଦର୍ଶକ ମା'ଙ୍କର୍ ଇ ବେଶ ଦର୍ଶନ୍ କରିଛନ୍ ।

ନୂଆପଡ଼ା ଜିଲ୍ଲାର୍ ପୀଠମାନ୍‌କେ ମା' ଦୁର୍ଗାଙ୍କର୍ ଦଶ୍‌ରା ପରବ୍ ମୁଲ୍ ହେଇଛେ । ପୀଠମାନ୍‌କେ ଷୁଲ୍‌ହ ଉପଚାର୍

ସହେତେ ସଖାଲ୍ ଆର୍ ସଙ୍ଗେ ରୀତିନୀତିଥି ପୂଜା ହଉଛେ । ଜିଲ୍ଲାର୍ ଖଡ଼ିଆଲ୍ ସହରର୍ ରାଜାପଡ଼ା ଦୁର୍ଗାପୂଜା ଶତାୟୁ ଅନୁଷ୍ଠାନ୍ ହେଇଥିଲା ବେଲେ ପଟ୍ଟନାୟକ୍ ପଡ଼ା ଦୁର୍ଗାପୂଜା କମିଟି ତର୍ଫୁ ୯୦ ବଛର୍ ପାଲନ୍ କରାଯାଉଛେ ।

ସୁବର୍ଣ୍ଣପୁର୍ ଜିଲ୍ଲା ନ ଗଲାକାଏଲ୍ଠାନୁ ମହାବଲୀ ଯାତ୍ରା ମୁଲ୍ ହେଇଛେ । ଇଲାକାର୍ ଅଧିଷ୍ଠାତ୍ରୀ ଦେବୀ ମା ସୁରେଶ୍ୱରୀଙ୍କର୍ ମନ୍ଦିର୍ ନୁ କଳାଧଳା ଛତିଛତର୍ ବରଣ୍ ହେଇକରି ଆସ୍ଲା ଉତ୍ରୁ ରାତି ସମଲେଶ୍ୱରୀଙ୍କର୍ ମନ୍ଦିର୍ନୁ ବରୁଆ ମହାନଦୀ ଖଁଡ଼ି ବୁଢ଼ାରଜା ପୀଠକେ ଯାଇଥିଲେ । ସେନ ବିଜେ କରିକରି ବରୁଆ ବଳି ନାଚ୍ କରିଥିଲେ । ସେନ୍ତା ଜିଲ୍ଲାର୍ ଭିନ୍ ଭିନ୍ ଦେବୀ ପୀଠ ନ ଭିଲ୍ ଷୁଲ୍ହ ପୂଜା ମୁଲ୍ ହେଇଛେ ।

ଦେବ୍ଗଡ଼୍ ଜିଲ୍ଲାର୍ ଶକ୍ତିପୀଠମାନ୍କେ ନବରାତ୍ରୀ ପୂଜା ମୁଲ୍ ହେଇଛେ । ଦେବୀ ପ୍ରଧାନୀ ପୀଠ, ମା ଦକ୍ଷିଣକାଳୀ ମନ୍ଦିର୍, ମା କନକଦୁର୍ଗା ମନ୍ଦିର୍, ମା ବନଦୁର୍ଗା ପୀଠ, ମା ମାହେଶ୍ୱରୀ ପୀଠ ନ ରୀତିନୀତି ଅନ୍ସାରେ ପୂଜା ଚାଲିଛେ ।

ନୂଆପଡ଼ା-ନିର୍ବାଚନ୍ ତୟାରି        I&PR

ନୂଆପଡ଼ା ବିଧାୟକ୍ ରାଜେନ୍ଦ୍ର ଢୋଲ୍କିଆଙ୍କର୍ ପରଲୋକ ଉତ୍ରୁ ଖାଲି ପଡ଼ିଥିବା ଆସନ୍ଥି ନିର୍ବାଚନ୍ ଲାଗି ତୟାରି

ମୁଲ୍ ହେଇଛେ । ଜିଲ୍ଲାପାଲ୍ଙ୍କର୍ କାର୍ଯ୍ୟାଳୟ ପରିସର୍ ନ ଇଭିଏମ୍ ଆଉ ଭିଭିପାଟ୍ ଗୁଦାମ୍ ଘରେ ରଖା ହେଇଥିବା ୟୁନିଟ୍ ମାନ୍କର୍ ତଦାରଖ୍ ଆଏଜ୍ କରାଯାଇଛେ । ଜିଲ୍ଲାପାଲ୍ ଆଉ ଜିଲ୍ଲା ମୁଖ୍ୟ ନିର୍ବାଚନ୍ ଅଧିକାରୀ ମଧୁସୂଦନ୍ ଦାସ, ଅତିରିକ୍ତ ଶାସନ୍ ସଚିବ ଆଉ ରାଜ୍ୟ ଇଭିଏମ୍ ନୋଡ଼ାଲ୍ ଅଧିକାରୀ ପ୍ରମୋଦ୍ କୁମାର୍ ସାହୁଙ୍କର୍ ସହେତେ ଅଲ୍ଗା ଅଧିକାରୀମାନେ ଭିଭିପାଟ୍ ୟୁନିଟ୍ ମାନ୍କର୍ ଯାଂଚ୍ କରିଛନ୍ । ଇ ଅବ୍ସରେ ଭିନ୍ ଭିନ୍ ସ୍ୱୀକୃତୀ ପାଇଥିବା ରାଜନୈତିକ୍ ଦଲ୍ମାନ୍କର ପ୍ରତିନିଧି ମାନେ ଭିଲ୍ ଉପସ୍ଥିତ୍ ଥିଲେ ।

ସୁସ୍ଥ ନାରୀ ସଶକ୍ତ ପରିବାର୍   ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍ପୁର୍ ଜିଲ୍ଲା ରେଙ୍ଗାଲି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ନ ସ୍ୱାସ୍ଥ୍ୟ ବିଭାଗ୍ ତର୍ଫୁ ସୁସ୍ଥ ନାରୀ ସଶକ୍ତ ପରିବାର୍ ଅଭିଯାନ୍ଥି ମହିଳାମାନ୍କର୍ ସ୍ୱାସ୍ଥ୍ୟର୍ ଯାଂଚ୍ କରାଯାଇଛେ । ରେଙ୍ଗାଲି ଜିଲ୍ଲା ପରିଷଦ୍ ସଦସ୍ୟ ଚୋଳଶ୍ରୀ ମହାନନ୍ଦ, ଗୋଷ୍ଠୀ ଚିକିତ୍ସା କେନ୍ଦ୍ର ଅଧିକାରୀ ଡାକ୍ତର୍ ଆଶିଷ୍ ମାଝୀ ଆଉ ଅଲ୍ଗା ଡାକ୍ତର୍ମାନେ ଉପସ୍ଥିତ୍ ଥିଲେ ।

ଆଇଆଇଏମ୍ ସମ୍ବଲ୍‌ପୁର୍ ସ୍ନାତକ ପାଠ୍ୟକ୍ରମ ସମ୍ବଲପୁର ସମ୍ବାଦଦାତା

ଆଇଆଇଏମ୍ ସମ୍ବଲ୍‌ପୁର୍ ନ ୨ ଟା ସ୍ନାତକ ପାଠ୍ୟକ୍ରମ୍ 'ବେଚ୍‌ଲର୍ ଅଫ୍ ସାଇନ୍ସ ଇନ୍ ମେନେଜ୍‌ମେଂଟ୍ ଇନ୍ ପବ୍ଲିକ୍ ପଲିସି ଆର୍ ବେଚ୍‌ଲର୍ ଅଫ୍ ସାଇନ୍ସ ଇନ୍ ଡାଟା ସାଇନ୍ସ ଆଣ୍ଡ୍ ଏ.ଆଇ.' ର ପହେଲା ବେଚ୍‌ର ଶୁଭାରମ୍ଭ ହେଇଛେ । ଜାତୀୟ ଶିକ୍ଷାନୀତି -୨୦୨୦ ସାଙ୍ଗେ ତାଲ୍‌ମେଲ୍ ରଖିକରି ଆଇଆଇଏମ୍ ସମ୍ବଲ୍‌ପୁର୍ ତର୍‌ଫୁ ଇ ଦୁହି ନୂଆଁ ସ୍ନାତକ ପାଠ୍ୟକ୍ରମ୍ ମୁଲ୍ କରାଯାଇଛେ । ପହେଲା ବେଚ୍‌ଥି ଶହେ ୭୮ ଝନ୍ ଛାତ୍ରଛାତ୍ରୀ ନାଁ ଲେଖେଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ପୂର୍ବ ବଙ୍ଗୋପ୍‌ସାଗର୍ ଆଉ ତାର୍ ପାଖର୍ ଇଲାକା ନ ଗୁଟେ ଲଘୁଚାପ୍ କ୍ଷେତ୍ର ବନିଛେ । ଇତାର୍ ପ୍ରଭାବ୍‌ଥି ରାଜ୍ୟର୍ ବଡ଼ଭାଗୀ ଜାଗା ନ ବର୍ଷା ଲାଗି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ପାଖାପାଖି ସବୁ ଜିଲ୍ଲା ନ ଘଡ଼୍‌ଘଡ଼ି ସହେତେ ବର୍ଷା ହେଇପାରେ । ଆଏବା

୨୫ ତାରିଖ୍‌ତକ୍ କେନ୍ଦ୍ରୀୟ ବଙ୍ଗୋପ୍‌ସାଗର୍ ଆଉ ତାର୍ ପାଖର୍ ଉତର୍ ଦିଗେ ଫେର୍‌ଗୁଟେ ଲଘୁଚାପ୍ କ୍ଷେତ୍ର ବନିପାରେ ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।